# କେନ୍ଦୁଝରର ଲୋକନାଟକ : ଉଡ଼ାଯାତ୍ରା

**ଯୁଥିକା ପ୍ରିୟଦର୍ଶିନୀ ନାଏକ**
କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Email : gnaik39@gmail.com

**ସଂକ୍ଷିପ୍ତ ସାର :**

ଭଞ୍ଜୀୟ ବଂଶମାନଙ୍କ ଦ୍ୱାରା ଶାସିତ କେନ୍ଦୁଝର ଜିଲ୍ଲା ବହୁ ପୂର୍ବରୁ ଗଡ଼ଜାତ ଅଞ୍ଚଳ ଭାବରେ ପରିଚିତ ଥିଲା । ଏହି ଅଞ୍ଚଳରେ ବସବାସ କରୁଥିବା ଷୋଳଟି ଆଦିବାସୀ ସମ୍ପ୍ରଦାୟମାନଙ୍କ ଜୀବନଶୈଳୀ ଭିନ୍ନ ହେଲେ ବି ଲୋକ ପରମ୍ପରା ପ୍ରାୟତଃ ସମାନ । ନାଚ ଓ ଗୀତ ତାଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ତେଣୁ ପ୍ରତିଦିନ ସନ୍ଧ୍ୟାବେଳେ ବିଭିନ୍ନ ଲୋକନାଟକଗୁଡ଼ିକ ପାଳିତ ହୋଇଥାଏ । ଯଥା :-କରମା ନାଟ, ଗୟାପାଲା ନାଟ, ଟୁସୁ ନାଟ, ଉଡ଼ାଯାତ୍ରା ନାଟ, ଦାସକାଠିଆ ନାଟ, କଣ୍ଢେଇ ନାଟ ଓ ରାମଲୀଳା ଆଦି । ଏ ସବୁ ଭିତରେ ଲୋକନାଟକ ଉଡ଼ାଯାତ୍ରା ଉଭୟ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରେ ଅନୁଷ୍ଠିତ ହୋଇଥାଏ । କିନ୍ତୁ ଏହି ଲୋକନାଟକଟିର ପୃଷ୍ଠପୋଷକତା ପ୍ରଥମେ କେନ୍ଦୁଝରର ରାଜା ଜ୍ୟୋତିଭଞ୍ଜଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ଚୈତ୍ରମାସ ଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଛଅଦିନ ଧରି ଯେଉଁ ଯାତ୍ରା ଅନୁଷ୍ଠିତ ହୋଇଥାଏ, ତାହାକୁ ଉଡ଼ାଯାତ୍ରା ବା କେତେକ ଅଞ୍ଚଳରେ ପାଟୁଆ ଯାତ୍ରା ବୋଲି ମଧ୍ୟ କହିଥାନ୍ତି । ଶୈବ ଓ ଶାକ୍ତ ଧର୍ମର ଅପୂର୍ବ ସମନ୍ୱୟ ଏହି ଯାତ୍ରାରେ ପରିଲକ୍ଷିତ ହୋଇଥାଏ ।

ସାମ୍ପ୍ରତିକ ସମୟରେ ବି ସମାଜ ବିବର୍ତ୍ତନରେ ସାମାଜିକ ଉତ୍‌ଥାନ ପତନ ସହ କେନ୍ଦୁଝର ଲୋକନାଟକଗୁଡ଼ିକର ପ୍ରେକ୍ଷାପଟ୍ଟ କାହାଣୀ ଆଜି ବି କିପରି ଲୋକମାନଙ୍କର ଜୀବନସୂତ୍ରକୁ ନିୟନ୍ତ୍ରଣ କରିପାରିଛି, ତାହା ଏହି ଲୋକନାଟକରେ ପ୍ରଦର୍ଶିତ ହୋଇଛି ।

**ମୁଖ୍ୟଶବ୍ଦ** : ବାସୁଳୀପଟି, ଚିତ୍ରପଟ୍ଟ, ଦେହୁରି, ଭଗତା, ଓଢ଼େଇତ

## ଉପକ୍ରମ:

କେନ୍ଦୁଝର ଓଡ଼ିଶାର ଉତ୍ତରାଞ୍ଚଳର ଏକ ଜିଲ୍ଲା ଭାବେ ପରିଚିତ । ପୂର୍ବରୁ ଏହା ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ଭଞ୍ଜରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ପ୍ରଚଳିତ ଲୋକ କଥା ଅନୁସାରେ ଜ୍ୟୋତିଭଞ୍ଜ ପ୍ରଥମେ ପୂଣ୍ୟତୋୟା ବୈତରଣୀ ନଦୀ କୂଳରେ ରାଜଧାନୀ ପ୍ରତିଷ୍ଠା କଲେ ଏବଂ ତାଙ୍କ ନାମାନୁସାରେ ରାଜଧାନୀର ନାମ ଦେଲେ ଜ୍ୟୋତିପୁର । ପରବର୍ତ୍ତୀ କାଳରେ ଶାସନର ସୁବିଧା ଦୃଷ୍ଟିରୁ ରାଜ୍ୟର କେନ୍ଦ୍ରସ୍ଥଳରେ ରାଜଧାନୀ ପ୍ରତିଷ୍ଠା କରିବାର ମନସ୍ଥ କରାଗଲା । ମନୋରମ ପ୍ରାକୃତିକ ପରିବେଶରେ ପାହାଡ଼ ପାଦଦେଶରେ କେନ୍ଦୁଗଛ ମୂଳରୁ ଏକ ନିର୍ମଳ ଝରଣା କଳକଳ ନାଦରେ ବହି ଯାଉଥିଲା ।

ସେଠି ରାଜାଙ୍କର ମନଲାଖି ଗଲା । ତା'ରି ପାଖରେ ନଅର ପ୍ରତିଷ୍ଠା ହେଲା । ନୂତନ ରାଜଧାନୀର ନାମ ରଖାଗଲା (କେନ୍ଦୁ+ଝର) କେନ୍ଦୁଝର । ସାଧାରଣ ଜନତା ଏହାକୁ 'କେନ୍‌ଝର' ବୋଲି ଉଚ୍ଚାରଣ କରିଥାନ୍ତି । ଭଞ୍ଜରାଜବଂଶ ଦ୍ୱାଦଶ ଶତାବ୍ଦୀରୁ କେନ୍ଦୁଝରଗଡ଼କୁ ନିଜ ରାଜଧାନୀ ଭାବରେ ଗ୍ରହଣ କରିଆସିଛନ୍ତି ।

**କେନ୍ଦୁଝରର ଲୋକ ପରମ୍ପରା :**

ବୈତରଣୀ ନଦୀ ଅବବାହିକାରେ ଅବସ୍ଥିତ ଏହି ଜିଲ୍ଲାର ଇତିହାସ ସୁପ୍ରାଚୀନ ହେଲେ ସୁଦ୍ଧା ଲୋକ ପରମ୍ପରା କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । କେନ୍ଦୁଝରର ଲୋକ ପରମ୍ପରା ଉତ୍କଳୀୟ ସାଂସ୍କୃତିକ ପରମ୍ପରା ଠାରୁ ଭିନ୍ନ ନୁହେଁ । ଆଦିବାସୀ ବହୁଳ ଏହି ଜିଲ୍ଲାରେ ମୁଖ୍ୟତଃ ବାଥୁଡ଼ି, ଭୂୟାଁ, ଭୂମିଜ, ଗଣ୍ଡ ହୋ, ଜୁଆଙ୍ଗ, ଖରଓ୍ୱାର, କିସାନ, କୋରା, ମୁଣ୍ଡା, ସାନ୍ତାଳ, ସଉରା, ଶବର ଏବଂ ସାଉନ୍ତି ପ୍ରଭୃତି ଷୋଳଟି ଜାତିର ସମ୍ପ୍ରଦାୟ ବସବାସ କରୁଛନ୍ତି । ଆଦିବାସୀ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ନୃତ୍ୟ ଓ ଗୀତ । ବିଭିନ୍ନ ଲୋକନାଟକ ଉତ୍ସବ ଜରିଆରେ ସେମାନେ ଗୋଷ୍ଠୀ ଓ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିଥାନ୍ତି । ପ୍ରତ୍ୟେକ ଆଦିବାସୀ ଗାଁରେ ଗୋଟିଏ ଲେଖାଏଁ ଆଖଡ଼ା ଘର ଥାଏ । ପ୍ରତିଦିନ ସନ୍ଧ୍ୟାବେଳେ ବିଭିନ୍ନ ପର୍ବପର୍ବାଣି ଉତ୍ସବରେ ନୃତ୍ୟଗୀତର ଆୟୋଜନ ହୋଇଥାଏ । ଏହା ବ୍ୟତୀତ ସାଧାରଣ ଜନତାଙ୍କ ଦ୍ୱାରା ବିଭିନ୍ନ ଲୋକନାଟକମାନ ମଞ୍ଚସ୍ଥ ହୋଇଥାଏ । ସେହି ଅଞ୍ଚଳରେ ପ୍ରଦର୍ଶିତ ଅନ୍ୟାନ୍ୟ ଲୋକନାଟକଗୁଡ଼ିକ ହେଲା :- କରମା ନାଟ, ଗୟାପାଲା ନାଟ, ବାନ୍ଦନା ନାଟ, ଟୁସୁ ନାଟ, ଉଡ଼ାଯାତ୍ରା ନାଟ, ଛଟକା ନାଟ, ଛକୁଳା ନାଟ, ଚଙ୍ଗୁ ନାଟ, କୀର୍ତ୍ତନିଆ ନାଟ, ଦାସକାଠିଆ ନାଟ, କଣ୍ଢେଇ ନାଟ, ରାମଲୀଳା ଆଦି ପ୍ରଧାନ । ସେହିପରି ଜିଲ୍ଲାରେ ବସବାସ କରୁଥିବା ହିନ୍ଦୁମାନେ ବିଭିନ୍ନ ଓଷା, ବ୍ରତ, ଯାତ୍ରା ଓ ପର୍ବମାନ ପାଳନ କରିଥାନ୍ତି । ଯଥା : -ବଡ଼ଓଷା, ବାରୁଣୀଯାତ୍ରା, ଠାକୁରାଣୀ ଯାତ୍ରା, ଚୈତ୍ରପର୍ବ, ଚନ୍ଦନଯାତ୍ରା, ଦଶହରା, ହିଙ୍ଗୁଳା, ରଥଯାତ୍ରା, ତାରିଣୀଯାତ୍ରା, ପଣାସଂକ୍ରାନ୍ତି, ଜନ୍ମାଷ୍ଟମୀ ଆଦି ପର୍ବଗୁଡ଼ିକ ଧର୍ମୀୟ ଉତ୍ସବ ଭାବେ ପରମ୍ପରାକ୍ରମେ ଚଳିଆସୁଅଛି । ତେଣୁ କେନ୍ଦୁଝର ଜିଲ୍ଲାର ଲୋକ ପରମ୍ପରା ଜନମାନସ ଜୀବନରେ ଏକ ସ୍ୱତନ୍ତ୍ର ପରିଚୟଟିଏ ସୃଷ୍ଟି କରିପାରିଛି ।

**ଉଦ୍ଦେଶ୍ୟ :**

୧. କୃଷିଭିତ୍ତିକ ସମାଜ ଭିତରେ ବି ଲୋକନାଟକଗୁଡ଼ିକର ଚିତ୍ତ ବିନୋଦନର ମାଧ୍ୟମ ହୋଇପାରିଛି ।

୨. କେନ୍ଦୁଝର ଅଞ୍ଚଳରେ ବହୁ ଲୋକନାଟକଗୁଡ଼ିକ ପରିଲକ୍ଷିତ ହୋଇଥାଏ । କିନ୍ତୁ ସେ ସବୁର ଯଥାର୍ଥ ଅଧ୍ୟୟନ ଓ ଅନୁଶୀଳନର ଆବଶ୍ୟକତା ରହିଛି ।

୩. ତେଣୁ କେନ୍ଦୁଝରର ଲୋକ ପରମ୍ପରାରେ ଏହି ଲୁପ୍ତ ଲୋକନାଟକଟିର ପୁନଃ ଅଧ୍ୟୟନ ପାଇଁ ପ୍ରୟାସ କରାଯିବା ଉଚିତ୍ ।

## ପୂର୍ବପାଠ ଆଲୋଚନା :

ପୂର୍ବରୁ ଏହି ଆଲୋଚନା ପ୍ରସଙ୍ଗକୁ ଡ଼କ୍ଟର କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ପୁସ୍ତକ 'କେନ୍ଦୁଝରର ଲୋକାନଟକ'ରେ ଏକ ଅଧ୍ୟାୟରେ 'ଉଡ଼ାଯାତ୍ରା ନାଟକ'ର ଆଲୋଚନା କରାଯାଇଛି ।

**ସମସ୍ୟା:**

ଏହି ଲୋକନାଟକ ଟିରେ ଭକ୍ତମାନେ ଯେଉଁ ସବୁ ରୀତିନୀତିକୁ ପାଳନ କରିଥାନ୍ତି ତାହା ଉଭୟ ମାନସିକ ଓ ଶାରିରୀକ ଭାବରେ ନିଜ ଶରୀରକୁ କଷ୍ଟ ଦେଇଥାନ୍ତି ।

**ଆଲୋଚନା :**

(ଲୋକନାଟକ ଉଡ଼ାଯାତ୍ରା )- ଉଡ଼ାଯାତ୍ରା କେନ୍ଦୁଝରର ଲୋକନାଟ୍ୟ ପରମ୍ପରା ଇତିହାସରେ ଏକ ଆଧ୍ୟାତ୍ମିକ ଭାବ ସମ୍ମଳିତ ଏକ ପ୍ରାଚୀନ ଯାତ୍ରା ପରମ୍ପରା । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପଣାସଂକ୍ରାନ୍ତି ଉପଲକ୍ଷେ ପାଳିତ ହେଉଥିବା ଦଣ୍ଡନାଟ ଓ ପାଟୁଆ ଯାତ୍ରା ସହିତ ଏହାର ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । କିନ୍ତୁ ଏହି ଯାତ୍ରାର ମୁଖ୍ୟ ବିଶେଷତ୍ୱ ହେଉଛି ଚୈତ୍ରମାସରୁ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ଛଅଦିନ ଧରି ବାସୁଳୀ ପଟି ଓ ଘଟ ଶୋଭାଯାତ୍ରା, ତନ୍ତ୍ରଯାନର କୃଚ୍ଛସାଧନା କଣ୍ଟା ପିଢାରେ ବସିବା, ଶୁଖିଲା ଅଙ୍କରାନ୍ତି କଣ୍ଟା ଗଦା ଉପରେ ଗଡ଼ିବା, ହାତ ବାହୁ ମାଂସ ଭିତରେ ବଡ଼ ଲୁହା ଡ଼ାଙ୍ଗଣ ସାହାଯ୍ୟରେ କଣା କରି ତା' ଭିତରେ ଦଉଡ଼ି ପୂରାଇ ସେ ଦଉଡ଼ିକୁ ଟଣାଓଟରା କରି ନାଚିବା, ରାଧାଚକ୍ରରେ ଉଡ଼ିବା ଓ ସତୀଭଙ୍ଗା ଦୃଶ୍ୟ ଆଦି ପ୍ରଦର୍ଶିତ ହୋଇଥାଏ ।

ଏହି ଯାତ୍ରାର ମୁଖ୍ୟ ଦେବାଦେବୀ ହେଉଛନ୍ତି ଶିବ ଓ ପାର୍ବତୀ । ଏହା ବ୍ୟତୀତ ଦେବୀ ପାର୍ବତୀଙ୍କୁ ବାସୁଳୀ, ମଙ୍ଗଳା, କଳିକା ବା ଦୁର୍ଗା ଭାବରେ ଆରାଧନା କରାଯାଇଥାଏ । କେନ୍ଦୁଝରର ଆଦ୍ୟଗଡ଼ ଭାବରେ ପରିଚିତ ଜ୍ୟୋତିପୁର ଅଞ୍ଚଳଟି ପୂର୍ବେ ଜ୍ୟୋତିଭଞ୍ଜ ରାଜାଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ଏଥି ସହିତ ଏହି ପର୍ବ ମୟୂରଭଞ୍ଜ ଜିଲ୍ଲାର ରରୁଆଁଠାରେ ଭଞ୍ଜୀୟ ବାବୁମାନଙ୍କ ପୃଷ୍ଠପୋଷକତାରେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଇ ଗଡ଼ର ଇଷ୍ଟଦେବୀ ମା' ବାସୁଳୀଙ୍କ ତୃପ୍ତି ବିଧାନ ପାଇଁ 'ପାଟପର୍ବ' ବା 'ଉଡ଼ାଯାତ୍ରା' ମହାସମାରୋହରେ ପଣାସଂକ୍ରାନ୍ତି ଦିନ ପାଳିତ ହୋଇଥାଏ । ପଣାସଂକ୍ରାନ୍ତି ଋରିଦିନ ପୂର୍ବରୁ 'ବାସୁଳୀପଟି'କୁ ଗ୍ରାମ ପରିକ୍ରମା କରିଥାନ୍ତି । ଏହି ଚିତ୍ରପଟ୍ଟରେ ଦେବାଦେବୀ ଓ ପୌରାଣିକ ଚରିତ୍ରମାନଙ୍କର ଚିତ୍ର ରଙ୍ଗୀନ ତୂଳୀରେ ଅଙ୍କନ କରାଯାଇଥାଏ ତଥା ଜ୍ୟୋତିପୁର ଏବଂ ତାର ଆଖପାଖ ଗାଁ ଗୁଡ଼ିକରେ ପ୍ରତ୍ୟେକ ଗୃହସ୍ଥଙ୍କ ଅଗଣାରେ ଏହି ଚିତ୍ରପଟ୍ଟ ପୂଜା କରାଯାଇଥାଏ ଏବଂ ସେବାୟତଙ୍କ ସହାୟତାରେ ଗ୍ରାମଦଣ୍ଡରେ ପ୍ରଦର୍ଶିତ ହୋଇଥାଏ । କାରଣ ସାଧାରଣ ଲୋକଙ୍କ ବିଶ୍ୱାସ ଯେ, ଦେବୀଦେବତାମାନେ ଘରେ ଘରେ ବିଜେ କରିଥାନ୍ତି ।

ଜ୍ୟୋତିପୁରର ଉଡ଼ାଯାତ୍ରାର କାଠଭାଡ଼ି ଉପରେ ଖୁଣ୍ଟଦେଇ ରାଧାଚକ୍ରଟିଏ ନିର୍ମାଣ କରାଯାଏ । ରାଧାଚକ୍ରରେ ରହିଥାଏ ଖଣ୍ଡିଏ ପଟା, ସେଥିରେ ଅନେକଗୁଡ଼ିଏ ଖଣ୍ଡା ଖଞ୍ଜାଯାଇଥାଏ, ତା' ଉପରେ ଦେହୁରୀ ଶୋଇଥାଏ । ଶରଶଯ୍ୟାରେ ଭୀଷ୍ମ ଶୋଇଲା ପରି, ବାସୁଳୀଙ୍କର ନିଷ୍ପାପର ଭକ୍ତ, ତଥା ସେବକ ଦେହୁରୀ ଶୋଇଥାଏ ଖଣ୍ଡା ଉପରେ । କାଠଭାଡ଼ିଟିକୁ ପଚିଶ ତିରିଶ ଲୋକ ଚଉଢଳି ଆକାରରେ ବୋହି ଶୋଭାଯାତ୍ରାରେ ଗଲାବେଳେ ବାହକ ସେହି ଭାଡ଼ିରେ ଚଢି ଦେହୁରୀ ଶୋଇଥିବା ଶଯ୍ୟାକୁ ଚକ୍ରାକାରରେ ବୁଲାଇଥାଏ । ପକ୍ଷୀ ଚକ୍ରକାଟି ଆକାଶରେ ଉଡ଼ିଲା ପରି ଦେହୁରୀ ଶୂନ୍ୟ ଆକାଶରେ ଘୂରିଥାଏ । ଏହି ଦୃଶ୍ୟ ମଣିଷ ଚଢିବା ପରି ଦେଖାଯାଉଥିବାରୁ, ଏହାକୁ ଉଡ଼ାଯାତ୍ରା କୁହାଯାଏ । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀ ଗ୍ରୀକ୍ ଲୋକନାଟକରେ ବିଭିନ୍ନ କଳାକୌଶଳ ପ୍ରୟୋଗ କରି ଆକାଶଋରୀ ଦେବତା (Flying God) ପ୍ରଦର୍ଶିତ

ହେଉଥିଲା ।

ଏହି 'ବାସୁଳୀ ପଟି'କୁ କେନ୍ଦୁଝରଗଡ଼ ଜ୍ୟୋତିପୁର ଅଞ୍ଚଳର ଜଣେ ଚିତ୍ରାକାର ନିର୍ମାଣ କରିଥାଏ । ଯେଉଁଥିରେ ବାଉଁଶ ପାତିଆ ଦୀର୍ଘ ବାରଫୁଟ ଲମ୍ବ ଓ ଚାରିଫୁଟ ଓସାର ଚଞ୍ଚରାରେ ଅଠାଦ୍ୱାରା ମୋଟାକନା ଲଗାଇ ଦିଆଯାଇଥାଏ ଏବଂ ତା'ଉପରେ କାଗଜ ମଲାଟ ରଙ୍ଗିନ ତୂଳୀରେ ପୁରାଣ, ମହାଭାରତ ଓ ରାଧାକୃଷ୍ଣଙ୍କ ପରି ବିଭିନ୍ନ ଦେବୀଦେବତାଙ୍କ ଚିତ୍ର ଅଙ୍କନ କରାଯାଇଥାଏ । ପଟିର ପଛପଟେ ଗୋଟେ ଶକ୍ତ ବାଉଁଶ ଦଣ୍ଡା ଭିଡ଼ି ଦେବା ସହିତ ପଟିର ଶୀର୍ଷ ଭାଗରେ ସିନ୍ଦୂର ବୋଳିବା ଏବଂ କରାଟ ଓ ମନ୍ଦାରଫୁଲ ଗୁଚ୍ଛ ଖୋସି ଦିଆଯାଇଥାଏ । ପୂର୍ବରୁ ରାଜପରିବାରର ସଦସ୍ୟମାନେ ବାସୁଳୀଙ୍କୁ ଏହି ପଟି ପ୍ରଦାନ କରୁଥିଲେ । କିନ୍ତୁ ଆଜିର ସମୟରେ ମାନସିକ କରୁଥିବା କୌଣସି ବ୍ୟକ୍ତିଙ୍କୁ ଏହି ପଟି ଅର୍ପଣ କରାଯାଇଥାଏ । ଏହି ବାସୁଳୀପଟି ପରିକ୍ରମା ସମୟରେ କେବଳର ବାଦ୍ୟ ମହୁରୀ ସଙ୍ଗେ ନୃତ୍ୟ ପରିବେଷଣ କରିବା ସହ କେବଳ ଚିତ୍ର ପ୍ରଦର୍ଶନ କରିଥାନ୍ତି ତତ୍‌ସହିତ ଗୀତ ବୋଲାଯାଇଥାଏ ।

ଦିନବେଳେ ବାସୁଳୀପଟି ପ୍ରଦର୍ଶନ ପରେ ରାତ୍ରିରେ ଘଟ ଶୋଭାଯାତ୍ରାର ଆୟୋଜନ କରାଯାଇଥାଏ । ଭାରତୀୟ ପରମ୍ପରାରେ ଘଟପୂଜା ହେଉଛି ପ୍ରାଚୀନ ପରମ୍ପରା । ପ୍ରଥମ ରାତ୍ରିରେ ଶୂନ୍ୟଘଟ ଓ ମଙ୍ଗଳାଘଟ, ଦ୍ୱିତୀୟ ରାତ୍ରିରେ ବାସୁଳୀପଟି, ତୃତୀୟ ରାତ୍ରିରେ କାଳିକାଘଟ ଓ ଚତୁର୍ଥ ଦୁର୍ଗାଘଟ ନିକଟସ୍ଥ ବୈତରଣୀ ନଦୀ ଜଳାଧାରରୁ ବାସୁଳୀ ଠାକୁରାଣୀଙ୍କ ଆସ୍ଥାନ ପର୍ଯ୍ୟନ୍ତ ଅଣାଯାଇଥାଏ । ଘଟ ଶୋଭାଯାତ୍ରାରେ ଶାଢି, ସିନ୍ଦୁର, କଜ୍ୱଳ, କାଚ, ଅଳତା ପିନ୍ଧି ଦେହୁରୀ ନାରୀ ବେଶ ଧାରଣ କରିଥାନ୍ତି । ଘଟଟିକୁ ପାଟବସ୍ତ୍ର ସହାୟତାରେ ତା' ମୁଣ୍ଡଉପର ବାନ୍ଧି ଦିଆଯାଇଥାଏ । ଶଙ୍ଖ, ମହୁରୀ, ବାଦ୍ୟନାଦ ତଳେ ତାଳେ ନାଚି ନାଚି ଦେହୁରୀ ଶୋଭାଯାତ୍ରାରେ ଆଗେଇ ଚାଲିଥାନ୍ତି । ଶୋଭାଯାତ୍ରା ପଥରେ ସେ ଅନ୍ଧାରୀ, ଜଗନ୍ନାଥ ଓ ଶିବ ମନ୍ଦିରରେ ଜଳ ଅର୍ପଣ କରିଥାନ୍ତି । ପ୍ରତ୍ୟେକଙ୍କ ବିଶ୍ୱାସ ଯେ, ଦେହୁରି ଦେବୀଙ୍କ ପ୍ରତିନିଧିତ୍ୱ କରୁଥିବାରୁ ଦେହୁରିର ଗୋଡ଼ ପାଣିରେ ଧୋଇ ପୂଜା ବନ୍ଦାପନା କରି ଆଶୀର୍ବାଦ ଗ୍ରହଣ କରିଥାନ୍ତି ।

ପଣାସଂକ୍ରାନ୍ତି ପୂର୍ବଦିନ ଅପରାହ୍ନରେ ବୈତରଣୀ ନଦୀରେ ସ୍ନାନ ସାରି ଓଦାବସ୍ତ୍ରରେ ବେକରେ ମନ୍ଦାର ଓ କରାଟ ଫୁଲମାଳ ପକାଇ ବାସୁଳୀ ଠାକୁରାଣୀଶାଳ ପ୍ରାଙ୍ଗଣରେ ବିଭିନ୍ନ ଗ୍ରାମରୁ ଆସିଥିବା କୋଡ଼ିଏ ପଚିଶଜଣ 'ଭଗତା' ଏକ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥାନ୍ତି ଏବଂ ତାଙ୍କ ସମ୍ମୁଖରେ ଶୁଖିଲା ଅଙ୍କରାନ୍ତି କଣ୍ଟା ବିଛାଇ ଦିଆଯାଇଥାଏ । ପୂଜା କର୍ମ ପରେ ଦେହୁରିଙ୍କ ଆଦେଶରେ ଭଗତାମାନେ ସେହି କଣ୍ଟାଗଦା ଉପରେ ଖାଲି ଦେହରେ ଗଡ଼ିଥାନ୍ତି । ଯାହାକୁ 'ଗଡ଼ାପାଟ' କୁହାଯାଏ । ଓଷେଇତ ଓ ଭକ୍ତମାନେ କଣ୍ଟାଗଦାର କିୟଦାଂଶ ସଂଗ୍ରହ କରି ଗୃହକୁ ନେଇଥାନ୍ତି ଏବଂ ପତ୍ରପୁଡ଼ିଆରେ ବାନ୍ଧି ଚାଳରେ ଖୋଷି ଦେଇଥାନ୍ତି; କାରଣ ସେମାନଙ୍କର ବିଶ୍ୱାସ ଯେ, ଦେବୀଙ୍କ କୃପାରୁ ତାଙ୍କ ଉପରେ କୌଣସି ବିପଦ ଆପଦ ଆସିବ ନାହିଁ ।

ଗଡ଼ାପାଟ ପରେ 'ଫୋଡ଼ାପାଟ'ର ଆୟୋଜନ ହୋଇଥାଏ । ସଂକ୍ରାନ୍ତି ଦିନ 'ଭଗତା'ମାନେ ଉପବାସ କରି ବୈତରଣୀ ନଦୀ ଜଳାଧାରରେ ଅପେକ୍ଷା କରିଥାନ୍ତି । ଅପରାହ୍ନ ପୂର୍ବରୁ ତାଙ୍କର ପରିବାରବର୍ଗ ତାଙ୍କୁ ହଳଦୀ ଲଗାଇ ସ୍ନାନ କରାଇଥାନ୍ତି । 'ଭଗତା'ର ଦୁଇହାତ ବାହୁ ଓ ପିଠିପଟ ମାଂସ ଭିତରେ ବଡ଼ ଡ଼ାଙ୍ଗଣ ସାହାଯ୍ୟରେ କଣା କରି ତା' ଭିତରେ

ବୁବେର ଦଉଡ଼ି ହଳଦିଆ ସୂତାଖିଅ ବା ବାଉଁଶ ପାତ୍ରିଆ ପୁରାଇ ଦିଆଯାଇଥାଏ । ଲମ୍ବା ଦଉଡ଼ିଟି ମାଂଶପେଶୀ ଦେଇ ଆଗକୁ ଓ ପଛକୁ ଲମ୍ବିଥାଏ । 'ଭଗତା'ର ଆଗରେ ଓ ପଛରେ ଦୁଇଜଣ ଲୋକ ସେହି ଦଉଡ଼ିଟିକୁ ଧରିଥାନ୍ତି ଓ ଦଉଡ଼ି ମଝିରେ ଭଗତା ନିଜର ଉଦଣ୍ଡ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ସେ ଆଗପଛ ହୋଇ ବାଦ୍ୟନାଦ ସହିତ ବିଭିନ୍ନ ଖେଳ କସରତ ପ୍ରଦର୍ଶନ କରିଥାନ୍ତି । ତାଙ୍କ ମଥାରେ ସିନ୍ଦୂର ବେକରେ ମନ୍ଦାର ଫୁଲମାଳ ଅଣ୍ଟାରେ ଘାଗୁଡ଼ୀ ଶୋଭା ପାଇଥାଏ । ଏ ଦୃଶ୍ୟଟିକୁ ଦେଖିବା ସମୟରେ ଦେହ ଶୀତେଇ ଉଠିବା ସହ ଶାରୀରିକ କଷ୍ଟର ଏକ ଚିତ୍ର ପ୍ରଦର୍ଶିତ ହୋଇଥାଏ । କିନ୍ତୁ ସେହି ଭଗତାମାନଙ୍କର ଶାରୀରିକ କଷ୍ଟକୁ ଦୂର କରିବା ପାଇଁ ସେମାନଙ୍କୁ ହାଣ୍ଡିଆ ପିଆଇବାକୁ ଦିଆଯାଇଥାଏ । ସେହିପରି ପାଞ୍ଚଛଅଜଣ 'ଭଗତା'ଙ୍କୁ ଦୁଇଟି ଦଉଡ଼ିରେ ବାନ୍ଧି ଦିଆଯାଇଥାଏ ଓ ସେମାନେ ଗୋଟିଏ ଧାଡ଼ିରେ ନାଚି ନାଚି ଯାଇଥାନ୍ତି । ଦୀର୍ଘ ଏକ କିଲୋମିଟର ରାସ୍ତା ବୈତରଣୀ ନଦୀରୁ ବାସୁଳୀଶାଳ ପର୍ଯ୍ୟନ୍ତ ଅତିକ୍ରମ କରିଥାନ୍ତି । ଅତିକ୍ରମ ସମୟରେ ପଥ ପାର୍ଶ୍ୱରେ ହଜାର ହଜାର ଦର୍ଶକ ନୃତ୍ୟର ଉପଭୋଗ କରିବା ସଙ୍ଗେ ସଙ୍ଗେ ଭକ୍ତମାନେ ଭଗତାମାନଙ୍କୁ ବାଟରେ ସାଷ୍ଟାଙ୍ଗ ପ୍ରଣାମ ସହିତ ନିଜର ମାନସିକ ପୂରଣ ପାଇଁ ପ୍ରାର୍ଥନା କରିଥାନ୍ତି ଏବଂ ଭଗତାମାନେ ମଧ୍ୟ ସେହି ଓଷେଇତଙ୍କ ଉପରେ ନାଚି ନାଚି ଚାଲିଥାନ୍ତି । 'ଭଗତା' ନୃତ୍ୟ ଦଳ ସହିତ ଆସୁଥିବା ଲୋକମାନେ 'ଖେଳ ଭଗତା ଖେଳ' ତ ପୁଣି 'କେତେବେଳେ ଶିବ ଶଙ୍କର ମହାଦେବ', 'କାହାର ମରଣ କାହାର ଗେଲ' ବୋଲିଥାନ୍ତି । ଏହିପରି ଭାବରେ ଭଗତାମାନେ ବାସୁଳୀଶାଳରେ ପହଞ୍ଚି ମୁଣ୍ଡିଆ ମାରିବା ପରେ ତାଙ୍କ ବାହୁରୁ ଦଉଡ଼ି କାଢି ନେଇଥାନ୍ତି । ଏହି ପର୍ବରେ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଯୋଗ ଦେଇଥିଲେ ମଧ୍ୟ କେବଳ କୁଡୁମୀ, କମାର, ଡ଼ମ, କୋହ୍ଲ, ଭୂୟାଁ ଓ ସାଉନ୍ତି ସମ୍ପ୍ରଦାୟର ବ୍ୟକ୍ତିମାନେ ହିଁ 'ଭଗତା' ହୋଇଥାନ୍ତି । ଏହି ଭଗତାମାନେ କେବଳ ନିଜର ବା ଆତ୍ମୀୟସ୍ୱଜନଙ୍କ ପାଇଁ ଫୋଡ଼େଇ କରିଥାନ୍ତି ତାହା ନୁହେଁ ବରଂ ସର୍ବସାଧାରଣଙ୍କ ମାନସିକ ଧର୍ମ କାର୍ଯ୍ୟ ପାଇଁ ଫୋଡ଼େଇ ହୋଇ କଷ୍ଟ ବରଣ କରିଥାନ୍ତି । ମାନସିକ କରିବା ପାଇଁ ଆଗ୍ରହୀ ବ୍ୟକ୍ତିମାନେ ପ୍ରଥମେ ଭଗତାଙ୍କୁ ପରାମର୍ଶ କରିଥାନ୍ତି । ତାଙ୍କର କଥାବାର୍ତ୍ତା ପରେ ସଂକ୍ରାନ୍ତି ଦିନ ଭଗତା ଓଷେଇତଙ୍କ ତରଫରୁ ଠାକୁରାଣୀଙ୍କ ପାଖରେ ପ୍ରତିନିଧିତ୍ୱ କରିଥାନ୍ତି । ଓଷେଇତ ଭଗତାଙ୍କର ପାରିଶ୍ରମିକ ପାଇଁ ଧାନ, ଚାଉଳ ବା ପଚାଶରୁ ଶହେ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରିଥାନ୍ତି ।

ବୈତରଣୀ ନଦୀ ଜଳାଧାରରେ ଫୋଡ଼କର୍ମ ପରେ ଦେହୁରୀ ପୂଜା କରିଥାନ୍ତି ଏବଂ ବାଦ୍ୟ ଘଣ୍ଟ ଧ୍ୱନି ସହ ଶୋଭା ଯାତ୍ରାରେ ପଟି ଆସି ପୋତା ବାସୁଳୀଶାଳରେ ପହଞ୍ଚିଥାଏ । ଯାହା କି ବୈତରଣୀ ନଦୀ ଓ ବାସୁଳୀଶାଳର ଏକ ମଧ୍ୟବର୍ତ୍ତୀ ସ୍ଥାନ ହୋଇଥାଏ । ସେଠାରେ ବାସୁଳୀପଟିକୁ ଗଡ଼ ପୁରୋହିତ ବୈଦିକ ରୀତିରେ ହୋମ, ପୂଜାପାଠ କରିଥାନ୍ତି ଏବଂ ପରେ ଦେହୁରୀ ପୂଜାପାଠ କରିଥାନ୍ତି । ଏହି ସମୟରେ ବୋଦା ଓ କୁକୁଡ଼ା ବଳି ପ୍ରଦାନ କରାଯାଇଥାଏ । ବାସୁଳୀ ପଟି ପୂଜା ପରେ 'ମଳାବ୍ରାହ୍ମଣୀ', 'ଖଣ୍ଡାପାଟ' ଓ 'ରାଧାଚକ୍ର' ଆଦି ଶୋଭାଯାତ୍ରାର ଆୟୋଜନ କରିଥାନ୍ତି ।

ପ୍ରଥମରେ 'ମଳାବ୍ରାହ୍ମଣୀ' ଶୋଭାଯାତ୍ରା ବାହାରିଥାଏ । ଛଅଖଣ୍ଡି କାଠାରେ ନିର୍ମିତ କୋକେଇରେ ଶବ ବୋହିବା ପରି ଜଣେ ଭଗତାଙ୍କୁ ସେହି କୋକେଇରେ ଶୁଆଇ ଦିଆଯାଇଥାଏ । ସେ ଶଯ୍ୟାରେ ଧାରୁଆ ଖଣ୍ଡା ଓ କଣ୍ଟା ଖଞ୍ଜି ଦେବା ସହିତ ଗୋଟିଏ ନୂଆ ଲୁଗା ତା' ଉପରେ ଘୋଡ଼େଇ ଦିଆଯାଇଥାଏ । ଶ୍ମଶାନକୁ କୋକେଇ ବୋହି ନେଲା ପରି ଚାରିଜଣ ଲୋକ ତାଙ୍କୁ ଶୋଭାଯାତ୍ରାରେ ବୋହି ନେଇଥାନ୍ତି । ଏହି 'ମଳାବ୍ରାହ୍ମଣୀ' ଶିବଙ୍କ ପ୍ରତୀକ ଏବଂ ତାଙ୍କ ଉପରେ କଳିକା ବିଜେ

କରୁଛନ୍ତି ବୋଲି ଲୋକବିଶ୍ୱାସ କରାଯାଇଥାଏ ।

'ମଳାବ୍ରାହ୍ମଣୀ' ପରେ 'ଖଣ୍ଡାପାଟ' ଶୋଭାଯାତ୍ରା ବାହାରିଥାଏ । ଚଉଢଳି ପରି କାଠର ମଞ୍ଚାଟିରେ ଧାରୁଆ ତିନୋଟି ଖଞ୍ଜି ଦିଆଯାଇଥାଏ । ଜଣେ ଭଗତା ସେହି ଧାରୁଆ ଖଣ୍ଡା ଉପରେ ଖାଲି ପାଦରେ ଠିଆ ହୋଇଥାନ୍ତି ଏବଂ ସେହି କାଠ ମଞ୍ଚାଟିକୁ ଚାରିଜଣ ଲୋକ ବୋହି ନେଇଥାନ୍ତି ବାସୁଳୀଶାଳ ପର୍ଯ୍ୟନ୍ତ । ଏହି ଖଣ୍ଡାପାଟରେ କେବଳ କୁଡୁମୀ ସମ୍ପ୍ରଦାୟର 'ଭଗତା' ହିଁ ଖଣ୍ଡା ଉପରେ ଠିଆ ହୋଇଥାନ୍ତି । 'ମଳାବ୍ରାହ୍ମଣୀ' ଓ 'ଖଣ୍ଡପାଟ' ଠାରୁ 'ରାଧାଚକ୍ର'ର ଗଢଣ ଭିନ୍ନ ପ୍ରକାରର । ଉଡ଼ା ଯାତ୍ରାରେ ଦର୍ଶକମାନଙ୍କ ପାଇଁ ଯାହା ବିଶେଷ ଆକର୍ଷଣୀୟ ହୋଇଥାଏ । 'ରାଧାଚକ୍ର'ରେ ରାଧାଙ୍କୁ ଜଣେ ନାରୀର ଆଦିଶକ୍ତି ଭାବେ ଗୁରୁତ୍ୱ ଦେବା ସହିତ ଚଉଷଠି ପାଖୁଡ଼ା ବିଶିଷ୍ଟ ପଦ୍ମରେ ଡ଼େମ୍ପୀ ନାଚିଲା ପରି ସେ ଚକ୍ରରେ ଘୂରିଥାନ୍ତି । ରାଧାଚକ୍ରର ଏହି ଘୂର୍ଣ୍ଣାୟମାନ ଦୃଶ୍ୟକୁ ଦେଖି ଦର୍ଶକମାନେ ନିଜକୁ ଧନ୍ୟ ମନେ କରିଥାନ୍ତି ।

ଉଡ଼ାଯାତ୍ରାର ଶେଷ ଦିନରେ 'ସତୀଭଙ୍ଗୀ' ଦୃଶ୍ୟ ପ୍ରଦର୍ଶିତ ହୋଇଥାଏ । ଦିନ ବେଳେ ଠାକୁରାଣୀଙ୍କ ସେବାୟତ ସମେତ ସାଧାରଣ ଜନତା ବୈତରଣୀ ନଦୀ ଉପକଣ୍ଠରେ ଉପସ୍ଥିତ ହୋଇଥାନ୍ତି । ଯେଉଁଠାରେ ପ୍ରସ୍ତୁତ ଯଜ୍ଞକୁଣ୍ଡରେ ଚନ୍ଦନ କାଠ ଓ ଘୃତରେ ପ୍ରଜ୍ୱଳିତ କରାଯାଇଥାଏ । ଦେହୁରୀ ଶଙ୍ଖା ସିନ୍ଦୂର ନୂଆ ଶାଢ଼ି ପିନ୍ଧି ନାରୀ ବେଶ ପରିଧାନ କରି ପଞ୍ଚାମୃତ ପଣାହାଣ୍ଡିକୁ ମୁଣ୍ଡରେ ବୋହି ଯଜ୍ଞକୁଣ୍ଡ ଚାରିକଡ଼େ ନୃତ୍ୟକରି ସାତଥର ପରିକ୍ରମା କରିଥାନ୍ତି । ପୂର୍ବରୁ ପ୍ରସ୍ତୁତ ପାଳ ନିର୍ମିତ କୁଶପୁତ୍ତଳିକାଟିକୁ ଯଜ୍ଞକୁଣ୍ଡରେ ନିକ୍ଷେପ କରାଯାଇଥାଏ ଏବଂ ଅର୍ଦ୍ଧଦଗ୍ଧ ପୁତ୍ତଳିକା ଉପରେ ଦେହୁରୀ ପଞ୍ଚାମୃତ ସିଞ୍ଚି ଦେଇଥାନ୍ତି । ଏହାପରେ ଶୌଚକର୍ମ ପାଇଁ ସେବାୟତବର୍ଗ ନଦୀଜଳାଧାରକୁ ଗମନ କରିଥାନ୍ତି । ସେହିପରି ଦେହୁରୀ ମଧ୍ୟ ମଥାରୁ ସିନ୍ଦୂର ପୋଛିବା ହାତରୁ କାଚ ଭାଙ୍ଗିବା ସହ କ୍ଷୌରକର୍ମ ସାରି ପଞ୍ଚାମୃତ ସେବନ କରିଥାନ୍ତି ।

**ନିର୍ଷ୍କସ:**

୧. ପ୍ରକୃତି କୋଳରେ ଜୀବନ ବଞ୍ଚୁଥିବା କେନ୍ଦୁଝରର ଆଦିମ ଅଧିବାସୀମାନେ ବିଭିନ୍ନ ପର୍ବପର୍ବାଣିରେ ନାଚଗୀତ କରି ଜୀବନକୁ ସରସ ସୁନ୍ଦର କରିଥାନ୍ତି ।

୨. ତେଣୁ ଚୈତ୍ର ମାସରେ ଏହି ଉଡା ପର୍ବଟି ଆଜିବି ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ରୂପେ ପାଳିତ ହୋଇ ଆସିଛୁ ।

**ଉପସଂହାର:**

ସର୍ବାଶେଷରେ, ଏହି ଉଡ଼ାଯାତ୍ରା ଏକ ଲୋକନାଟକ ହେଲେ ମଧ୍ୟ ନିଜର ଅଭିନୟାତ୍ମକ ଦୃଶ୍ୟ, ମୁକ୍ତ ରଙ୍ଗମଞ୍ଚ ଓ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି । ତେଣୁ ଭାଷାହୀନ ଅଭିନୟ ପାଇଁ ଏହା ଓଡ଼ିଶାର ଯେକୌଣସି ଲୋକ ନାଟକ ଠାରୁ ସ୍ୱତନ୍ତ୍ର ଅଟେ ।

**ସହାୟକ ଗ୍ରନ୍ଥସୂଚୀ :**

୧. ମିଶ୍ର, କ୍ଷେତ୍ରମୋହନ, କେନ୍ଦୁଝରର ଭୂଗୋଳ ୧୯୩୦ ମସିହା

୨. ଦାସ ଶ୍ରୀ ବିପିନ ବିହାରୀ-ଶ୍ରୀ ଭଞ୍ଜଭୂମି କେନ୍ଦୁଝରୀ-ନୀଳାଚଳ ପ୍ରିଟିଙ୍ଗଓ୍ୱର୍କସ୍, ବଡ଼ବିଲ, କେନ୍ଦୁଝର-୧୯୫୦ ମସିହା ।

୩. ନାୟକ ଡଃ କୃଷ୍ଣଚନ୍ଦ୍ର-କେନ୍ଦୁଝରର ଲୋକନାଟକ-ବିଜୟନୀ ପବ୍ଲିକେଶନ କଟକ ୨୦୧୩ ମସିହା

**ପତ୍ରପତ୍ରିକା :**

୧. ଚକ୍ରବର୍ତ୍ତୀ ରମେଶଚନ୍ଦ୍ର-'କେନ୍ଦୁଝରର ଜ୍ୟୋତି, ଜ୍ୟୋତିଭଞ୍ଜ ଓ ଜ୍ୟୋତିପୁର' ରଜତ ଜୟନ୍ତୀ ସ୍ମରଣିକା, ଜ୍ୟୋତିପୁର ଉଚ୍ଚବିଦ୍ୟାଳୟ, ଜ୍ୟୋତିପୁର, କେନ୍ଦୁଝର, ୧୯୮୫

୨. ନେପାକ ଭାଗିରଥୀ-ଗଡ଼ଜାତ (ସ୍ମାରକୀ ସଂକଳନ : ୧୯୮୬)-ଗଡ଼ଜାତ ସାଂସ୍କୃତିକ ପରିଷଦ, ଭୁବନେଶ୍ୱର

୩. The New Encyclopaedia Britanica, Vol.18, Theatre, P-218